# NATIONAL NEWS BULLETIN (ODIA)
## 31 May - 2026
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୩୪ତମ ସଂସ୍କରଣରେ ଆଜି ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ଦ୍ୱିପାକ୍ଷିକ ସହଯୋଗକୁ ମଜବୁତ କରିବା ଲାଗି ମିଆଁମାର ରାଷ୍ଟ୍ରପତିଙ୍କ ସକାରାତ୍ମକ ଭାବନାକୁ ପ୍ରଶଂସା କଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ।
- ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନ ଉପରେ ଚାପ ପ୍ରୟୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଭାରତୀୟ ନୌସେନା, କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- କପା ଉପରେ ଆସନ୍ତାକାଲିଠାରୁ ଅସ୍ଥାୟୀ ଭାବେ ଛାଡ଼ ହେବ ଆମଦାନୀ ସୀମାଶୁଳ୍କ ।

ଏବଂ

- ଆଇପିଏଲ୍ କ୍ରିକେଟ୍ ଫାଇନାଲ୍‌ରେ ଆଜି ଅନୁଷ୍ଠିତ ହେବ ଗୁଜରାଟ ଟାଇଟନ୍ସ ଓ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ।

## ପିଏମ-ମନ୍ କୀ ବାତ୍

**ପ୍ର**ଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଆଜି ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ହେବ ମନ୍ କୀ ବାତ୍‌ର ୧୩୪ତମ ସଂସ୍କରଣ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱାର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Striming ହେବ । ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ମିଆଁମାର୍ ପ୍ରେସିଡେଣ୍ଟ

୫ ଦିନିଆ ଭାରତ ଗସ୍ତରେ ଆସି ମିଆଁମାର ରାଷ୍ଟ୍ରପତି ୟୁ ମିନ୍ ଅଙ୍ଗ ହ୍ଲାଇଙ୍ଗ ଗତକାଲି ବିହାରରେ ପହଞ୍ଚିବା ପରେ ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। କେନ୍ଦ୍ର ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂହ ତାଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ। ମିଆଁମାର ରାଷ୍ଟ୍ରପତି ବିହାରର ଗୟା ଗସ୍ତ କରିଥିଲେ ଏବଂ ମହାବୋଧି ମନ୍ଦିରରେ ପ୍ରାର୍ଥନା କରିଥିଲେ । ତାଙ୍କ ସହିତ କ୍ୟାବିନେଟ ମନ୍ତ୍ରୀ, ବରିଷ୍ଠ ଅଧିକାରୀ ଏବଂ ବ୍ୟବସାୟିକ

ନେତୃବୃନ୍ଦଙ୍କ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି । ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ମିଆଁମାର୍ ରାଷ୍ଟ୍ରପତିଙ୍କ ଏହା ପ୍ରଥମ ଭାରତ ଗସ୍ତ ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଗତକାଲି ସନ୍ଧ୍ୟାରେ ଶ୍ରୀ ହ୍ଲାଇଙ୍ଗଙ୍କୁ ସାକ୍ଷାତ କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ମିଆଁମାର ରାଷ୍ଟ୍ରପତିଙ୍କ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ଦୃଢ଼ କରିବା ପ୍ରତି ସକାରାତ୍ମକ ଭାବନାକୁ ପ୍ରଶଂସା କରିଥିଲେ । ସେ କହିଛନ୍ତି, ଶାନ୍ତି, ପ୍ରଗତି ଏବଂ ସମୃଦ୍ଧି ପାଇଁ ସହଭାଗୀତାକୁ ଆଗକୁ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ଶ୍ରୀ ହ୍ଲାଇଙ୍ଗଙ୍କ ସାକ୍ଷାତକୁ ସେ ଅପେକ୍ଷା କରିଛନ୍ତି ।

ଆସନ୍ତାକାଲି ମିଆଁମାର୍ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଭୟ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରିବେ । ମିଆଁମାର୍ ରାଷ୍ଟ୍ରପତି ଏକ ବ୍ୟବସାୟିକ ମଞ୍ଚରେ ମଧ୍ୟ ଅଂଶଗ୍ରହଣ କରିବେ । ମିଆଁମାର ରାଷ୍ଟ୍ରପତି ମଙ୍ଗଳବାର ଦିନ ମୁମ୍ବାଇ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି ।

# ଇସି-କାଉନ୍‌ସେଲ୍ସ କନ୍‌ଫରେନ୍ସ

ନିର୍ବାଚନ ଆୟୋଗ ନୂଆଦିଲ୍ଲୀରେ ପରାମର୍ଶଦାତାଙ୍କ ଏକ ଜାତୀୟ ସମ୍ମିଳନୀ ଆୟୋଜନ କରିଛନ୍ତି। ଆୟୋଗର ଆଇନ୍‌ଗତ ଢାଞ୍ଚାକୁ ସୁଦୃଢ଼ କରିବା ଲାଗି ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ସମ୍ମିଳନୀକୁ ଉଦଘାଟନ କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ନିରପେକ୍ଷ ତାଲିକା ଦ୍ୱାରା ହିଁ ନିରପେକ୍ଷ ନିର୍ବାଚନ ସମ୍ଭବ ହୋଇଥାଏ। ଭୋଟର ତାଲିକା ସଂଶୋଧନ ଓ ପ୍ରସ୍ତୁତିରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ଏଜେଣ୍ଟମାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି। ଶ୍ରୀ କୁମାର ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ସମ୍ପ୍ରତି ଅନୁଷ୍ଠିତ ବିଧାନସଭା ନିର୍ବାଚନ ସମୟରେ ହୋଇଥିବା ଉଚ୍ଚସ୍ତରୀୟ ପ୍ରତିଯୋଗିତା ଉପରେ ଆଲୋଚନା କରିଥିଲେ। ଦେଶର ବିଭିନ୍ନ ନ୍ୟାୟାଳୟରେ କମିଶନଙ୍କ ପ୍ରତିନିଧିତ୍ୱ କରିବାରେ ପରାମର୍ଶଦାତାଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ।

ସମ୍ମିଳନୀରେ ସୁପ୍ରିମକୋର୍ଟ ଏବଂ ଦେଶର ବିଭିନ୍ନ ହାଇକୋର୍ଟରେ କମିଶନଙ୍କ ପ୍ରତିନିଧିତ୍ୱ କରୁଥିବା ଆଇନ୍‌ଜୀବୀ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ନାଇଡୁ-ସ୍କାଏ କାଷ୍ଟ

ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଆନ୍ତର୍ଜାତିକ ବିମାନ ବନ୍ଦରରେ ସ୍କାଏ କାଷ୍ଟ ବ୍ୟବସ୍ଥା ଆରମ୍ଭ କରାଯିବାକୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ସ୍କାଏ କାଷ୍ଟ ଭଳି ଉନ୍ନତ ପାଣିପାଗ ନିରିକ୍ଷଣ ବ୍ୟବସ୍ଥା କୁହୁଡ଼ି ଏବଂ ପ୍ରତିକୂଳ ପାଣିପାଗ ସମୟରେ ବିମାନ ଉଡ଼ାଣ ପରିଚାଳନାରେ ସହାୟକ ହେବ । ସେ କହିଛନ୍ତି, ଏହି ପ୍ରଯୁକ୍ତିବିଦ୍ୟା ଦେଶର ଅନ୍ୟାନ୍ୟ ବିମାନ ବନ୍ଦରରେ କାର୍ଯ୍ୟକାରୀ କରାଯିବ । ଯାହାଫଳରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହେବା ସହ ନିରାପଦ ଯାତ୍ରା ସମ୍ଭବ ହୋଇପାରିବ ।

## ରାଜନାଥ-ଅପରେସନ୍ ସିନ୍ଦୂର

ପ୍ରତୀରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ସମୟରେ ଭାରତୀୟ ନୌସେନା ପାକିସ୍ତାନ ନୌସେନାକୁ ଏହାର ବନ୍ଦର ମଧ୍ୟରେ ସୀମିତ ରଖିବାରେ ସଫଳ ହୋଇଥିଲା । ଲକ୍ଷ୍ନୌରେ ନୌସେନା ସୌର୍ଯ୍ୟ ବାଟିକା ଉଦ୍‌ଘାଟନ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନ ଉପରେ ଚାପ ପ୍ରୟୋଗ କ୍ଷେତ୍ରରେ ଭାରତୀୟ ନୌସେନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ନୌସେନାକୁ ଆରବ ସାଗରରେ ମୁତୟନ କରାଯାଇଥିଲା । ଯାହାଫଳରେ ପ୍ରତିପକ୍ଷ ଉପରେ ଭାରତର ଚାପ ବୃଦ୍ଧି

ପାଇଥିଲା । ସେ କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରତିଶୋଧ ନେବା ପାଇଁ ଗତବର୍ଷ ମେ ମାସ ୬ ତାରିଖରେ ଅପରେସନ୍ ସିନ୍ଦୂର ଆରମ୍ଭ କରାଯାଇଥିଲା, ଯେଉଁଥିରେ ଭାରତୀୟ ସୈନ୍ୟମାନେ ପାକିସ୍ତାନ ଅଧିକୃତ କାଶ୍ମୀର ସମେତ ପାକିସ୍ତାନରେ ଥିବା ଅନେକ ଆତଙ୍କବାଦୀ ଭିତ୍ତିଭୂମି ଉପରେ ଆକ୍ରମଣ କରି ସେଗୁଡ଼ିକୁ ନଷ୍ଟ କରିଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କୁମାର ତ୍ରିପାଠୀ କହିଛନ୍ତି, ଭାରତୀୟ ନୌସେନା ଅପରେସନ୍ ସିନ୍ଦୂର ସମୟରେ ସମ୍ପୂର୍ଣ୍ଣ କ୍ଷମତା ପ୍ରଦର୍ଶନ କରିଥିଲା । ସେହି ଅଭିଯାନ କାଳରେ ନୌସେନା, ବାୟୁସେନା ଓ ସ୍ଥଳ ସେନା ମିଳିତ ଭାବେ ସମନ୍ୱୟ ପୂର୍ବକ କାର୍ଯ୍ୟ କରିଥିଲେ ।

## କଟନ୍ କଷ୍ଟମ୍ ଡ୍ୟୁଟି

ଆସନ୍ତା ମାସ ପହିଲାରୁ ଚଳିତ ବର୍ଷ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସରକାର କପା ଉପରେ ଆମଦାନୀ ସୀମା ଶୁଳ୍କକୁ ଅସ୍ଥାୟୀ ଭାବରେ ଛାଡ଼ କରିଛନ୍ତି। କେନ୍ଦ୍ର ବୟନ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ କପା ଚାଷୀଙ୍କ ସ୍ୱାର୍ଥ ଏବଂ କପା ମୂଲ୍ୟ ଶୃଙ୍ଖଳାକୁ ବିଚାର କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ରିହାତି ଫଳରେ ବୟନ ଶିଳ୍ପ ପାଇଁ ପର୍ଯ୍ୟାପ୍ତ କପା ଉପଲବ୍ଧତା ସୁନିଶ୍ଚିତ କରାଯିବା ସହ ଏମ୍.ଏସ୍.ଏମ୍.ଇ. ଗୁଡ଼ିକ ପାଇଁ ଏହା ସହାୟକ ହେବ । ସୀମା ଶୁଳ୍କ ହ୍ରାସ ଫଳରେ ଭାରତୀୟ

ବୟନଶିଳ୍ପ ଆନ୍ତର୍ଜାତିକ ବଜାରରେ ଦୃଢ଼ ପ୍ରତିଯୋଗିତା କରିପାରିବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବ ବୋଲି ମନ୍ତ୍ରଣାଳୟ କହିଛି ।

## ଡବ୍ଲ୍ୟୁଏଚ୍ଓ-ଡିଜି-ଏବୋଲା

ଇବୋଲା ସଂକ୍ରମଣକୁ ଦୃଷ୍ଟିରେ ରଖି ଯେଉଁ ଦେଶଗୁଡ଼ିକ କଙ୍ଗୋ ଗଣରାଜ୍ୟ ଏବଂ ଉଗାଣ୍ଡାକୁ ଯାତ୍ରା ପ୍ରତିବନ୍ଧକ ଜାରି କରିଛନ୍ତି କିମ୍ବା ସୀମା ବନ୍ଦ ରଖିଛନ୍ତି, ସେହି ଦେଶଗୁଡ଼ିକ ସେମାନଙ୍କ ନିଷ୍ପତ୍ତିର ପୁନର୍ବିଚାର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ – ଡବ୍ଲ୍ୟୁ.ଏଚ୍.ଓ.ର ମହାନିର୍ଦ୍ଦେଶକ ଟେଡ୍ରସ୍ ଆଧନମ ଘେବ୍ରିସିୟସ୍ କହିଛନ୍ତି । ସେ କହିଛନ୍ତି, ଏଭଳି ପ୍ରତିବନ୍ଧକ ଜାରି କରିବା ଦ୍ୱାରା ପ୍ରଭାବିତ ଅଞ୍ଚଳରେ ସହାୟତା କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି ।

ସୂଚନା ଅନୁଯାୟୀ ସମ୍ପୃକ୍ତ ଅଞ୍ଚଳରେ ୯୦୦ରୁ ଅଧିକ ଇବୋଲା ମାମଲା ଚିହ୍ନଟ ହୋଇଥିବା ବେଳେ ୨୨୦ରୁ ଅଧିକ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଉଗାଣ୍ଡାରେ ଇବୋଲା ସଂକ୍ରମଣରେ ପିଡ଼ିତ ୯ ଜଣଙ୍କ ମୃତ୍ୟୁ ହୋଇଛି । ଏହି ସଂକ୍ରମଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଟିକା କିମ୍ବା ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ସମୟୋଚିତ ଭାବେ ଉନ୍ନତମାନର ଡାକ୍ତରୀ ଯତ୍ନ ଯୋଗାଇଦେଲେ ରୋଗରୁ ଉପସମ ମିଳିବ ବୋଲି କୁହାଯାଇଛି ।

# ଦିଲ୍ଲୀ ପୋଲିସ ଆରେଷ୍ଟ

ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ପାକିସ୍ତାନ ଆଇଏସଆଇ-ମୁମ୍ବାଇ ଅଣ୍ଡରୱାର୍ଲ୍ଡ ନେଟୱାର୍କର ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ଆଠ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସି.ପି. ଅନିଲ ଶୁକ୍ଲା କହିଛନ୍ତି, ଅଭିଯୁକ୍ତମାନଙ୍କୁ ଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଏବଂ ସୁରକ୍ଷା କର୍ମୀଙ୍କ ଉପରେ ଆକ୍ରମଣ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ସେ କହିଛନ୍ତି, ସେମାନଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ ଦିଲ୍ଲୀ, ମହାରାଷ୍ଟ୍ର ଏବଂ ପୁଣେରୁ ଗିରଫ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଆଜି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ୨୦୨୬ ସିଜିନର ଫାଇନାଲରେ ଗୁଜରାଟ ଟାଇଟାନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ସନ୍ଧ୍ୟା ୭ଟା ୩୦ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।

ଉଭୟ ଦଳ ଦ୍ୱିତୀୟ ଆଇପିଏଲ୍ ଟାଇଟଲ୍ ପାଇଁ ଲକ୍ଷ୍ୟ ରଖିଛନ୍ତି। ଗୁଜରାଟ ୨୦୨୨ରେ ପ୍ରଥମ ଆଇପିଏଲ୍ ଟାଇଟଲ ହାସଲ କରିଥିବାବେଳେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୨୦୨୫ରେ ଏହି ଟ୍ରଫି ହାସଲ କରିଥିଲା ।

# ୱିମେନ୍ସ-କ୍ରିକେଟ୍

ମହିଳା କ୍ରିକେଟରେ ଗତକାଲି ରାତିରେ ବ୍ରିଷ୍ଟଲ ଅନୁଷ୍ଠିତ ଦ୍ୱିତୀୟ ଟି-ଟ୍ୱେଣ୍ଟି ଆନ୍ତର୍ଜାତୀୟ ମ୍ୟାଚରେ ଆୟୋଜକ ଇଂଲଣ୍ଡ ୨୬ ରନରେ ଭାରତକୁ ପରାସ୍ତ କରିଛି । ତିନି ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ରେ ରହିଛି ।

ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୬୮ ରନ କରିଥିଲା । ଜବାବରେ ଭାରତ ୨୦ ଓଭରରେ ୯ ୱିକେଟ ହରାଇ ମାତ୍ର ୧୪୨ ରନ୍ ସ୍କୋର୍ କରିଥିଲା। ଇଂଲଣ୍ଡର ଫ୍ରେୟା କ୍ୟାମ୍ପଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ସିରିଜର ତୃତୀୟ ଏବଂ ଶେଷ ଟି-ଟ୍ୱେଣ୍ଟି ଆସନ୍ତା ମଙ୍ଗଳବାର ଟଉନ୍‌ଟନ୍‌ରେ ଖେଳାଯିବ।

# ଏସିଆନ ୟୁ୨୦

ଗୁଜୁରାଟର ଭଲସାଡ ଜିଲ୍ଲାର ଅଠର ବର୍ଷୀୟ ରାହୁଲ ଜାଖଡ଼ ହଂକଂରେ ଅନୁଷ୍ଠିତ ୨୨ତମ ଏସୀୟ ୨୦ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିଅନସିପରେ ଡେକାଥଲନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ୨୦ ବର୍ଷରୁ କମ୍ ବୟସ ବର୍ଗରେ ସେ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି ।

ଜାଖଡ଼ ୭ ହଜାର ୧୮୫ ପଏଣ୍ଟ ହାସଲ କରି ଏହି ଟାଇଟଲ ହାସଲ କରିଛନ୍ତି ।

## ଆଇଏମ୍‌ଡି ଓ୍ୱେଦର

ପାଣିପାଗ ବିଭାଗ କେରଳ, ତାମିଲନାଡୁ ଓ ପୁଡୁଚେରୀରେ ଆସନ୍ତା ବୁଧବାର ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି । ଓଡ଼ିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ଦେଶର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଆସନ୍ତାକାଲି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବ ବୋଲି ସୂଚନା ମିଳିଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦେଶର ଅନେକ ଭାଗରେ କାଳବୈଶାଖୀ ଓ ଘୂର୍ଣ୍ଣିଝଡ଼ ହେବାର ସମ୍ଭାବନା ରହିଛି ।